**ଏନ୍‌ଟିପିସି ପକ୍ଷରୁ ୩,୧୫୧ କୋଟିର ଲାଭାଂଶ ପ୍ରଦାନ**

କଣିହାଁ, (ସଚ୍ଚିଦାନନ୍ଦ ପ୍ରଧାନ): ଏନ୍‌ଟିପିସି ଲିମିଟେଡ ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷର ଶେଷ ଲାଭାଂଶ ଭାବେ ୩,୧୫୧ କୋଟି ଟଙ୍କା ଗତ ୧୧ ତାରିଖରେ ପ୍ରଦାନ କରାଯାଇଛି, ଯାହା କମ୍ପାନୀର ପେ-ଅପ ଇକ୍ୱିଟି ସେୟାର ପୁଞ୍ଜିର ୩୨.୫୦ ପ୍ରତିଶତ। ନଭେମ୍ବର ୨୦୨୩ରେ କମ୍ପାନୀ ପ୍ରଥମ ମଧ୍ୟବର୍ତ୍ତି ୨,୪୨୨ କୋଟି ଟଙ୍କା ଓ ଫେବୃଆରୀ ୨୦୨୪ରେ ୨ୟ ମଧ୍ୟବର୍ତ୍ତି ୨,୪୨୨ କୋଟି ପ୍ରଦାନ କରାଯାଇଛି। ଏପରି ଭାବେ ଏନ୍‌ଟିପିସି ଲିମିଟେଡ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସମୁଦାୟ ୭,୫୧୫ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରିଛି।





ଢେଙ୍କାନାଳ ଭସାଣି ଶୋଭାଯାତ୍ରାରେ ବିଭିନ୍ନ ପୂଜା ପ୍ରତିଷ୍ଠାନର ମେଢ଼।



ବଜରଙ୍ଗ କ୍ଲବର ଲାଲବାଗଚା ମେଢ଼।

# ମେଲାଣି ନେଲେ ବିଘ୍ନ ବିନାଶକ

**ଭସାଣି ଶୋଭାଯାତ୍ରାରେ ସାମିଲ ହେଲେ ୩୭ ମେଢ଼**

- ନୃତ୍ୟ, ବାଦ୍ୟ ଓ ସଙ୍ଗୀତରେ କମ୍ପିଲା ସହର
- ବଜରଙ୍ଗ କ୍ଲବ ସଦସ୍ୟଙ୍କ ମହାରାଷ୍ଟ୍ର ପରମ୍ପରା



କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମିଳିତ ଶୋଭାଯାତ୍ରା ପାଇଁ ଲଟେରି ପ୍ରକ୍ରିୟା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଢେଙ୍କାନାଳ,୧୩।୯(ରତନ ନାୟାର)

ଢେଙ୍କାନାଳ ସହରରେ ଗଣେଶ ପୂଜା ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ମିଳିତ ଭସାଣି ଶୋଭାଯାତ୍ରାରେ ୩୭ଟି ପୂଜା ପ୍ରତିଷ୍ଠାନ ସାମିଲ ହୋଇଥିଲେ। ନୃତ୍ୟ, ବାଦ୍ୟ ଓ ସଙ୍ଗୀତରେ କମ୍ପି ଉଠିଥିଲା ଢେଙ୍କାନାଳ ସହର । ସକାଳ ୮ଟା ସୁଦ୍ଧା ମେଢ଼ଗୁଡ଼ିକ ନିଜନିଜ ପୂଜା ମଣ୍ଡପ ଛାଡ଼ି ମିନି ଷ୍ଟାଡିୟମଠାରେ ପହଁଚିଥିଲେ। ସେଠାରେ ଲଟେରି ମାଧ୍ୟମରେ କ୍ରମିକ ନମ୍ବର ହୋଇଥିଲା। ଲଟେରି ଉଠାଣ ପରେ ଇମେନ୍ସ କ୍ଲବ ଚାନ୍ଦମାରୀ ସାହି ମେଢ ନାମ ପ୍ରଥମେ ରହିଥିଲା। ଏହାପରେ ରାଧାକୃଷ୍ଣ ବଜାର, ବ୍ଲାକ ଡାଇମଣ୍ଡ କ୍ଲବ, ସୁପର ଟାଇଗର, ଫ୍ରେଣ୍ଡ୍ କ୍ଲବ ମୃଦଙ୍ଗା ସାହି ସମେତ ଅନ୍ୟ ମେଢ଼ଗୁଡ଼ିକ ରହିଥିଲେ । ଶେଷରେ ୩୭ତମ ମେଢ଼ ଭାବେ ବଜରଙ୍ଗ କ୍ଲବ ରହିଥିଲା । କ୍ରମିକ ନମ୍ବର ଅନୁଯାୟୀ ମେଢ଼ଗୁଡ଼ିକ ମିଳିତ ଶୋଭାଯାତ୍ରାରେ ସକାଳ ୯ଟାରେ ବାହାରିଥିଲେ। ଲଟେରି ଉଠାଣ ଉତ୍ସବରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠି, ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦଗାତା ଓ ସୂର୍ଯ୍ୟମଣୀ ପ୍ରଧାନ, ଭାରପ୍ରାପ୍ତ ଉପଜିଲାପାଳ ଶିବାନୀ ଦାସ, ଗୁଇନ୍ଦା ବିଭାଗ ଡିଏସ୍‌ପି ଜ୍ଞାନରଞ୍ଜନ ମିଶ୍ର, ଲୋକକଳା ସଂଘର ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲଟେରି ଉଠାଣ କରିଥିଲେ। ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟିର ସଭାପତି ସୁଧାଂଶୁ କୁମାର ଦଲେଇ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସମ୍ବିତ ଷଡଙ୍ଗୀ ଓ ଅନ୍ୟ କର୍ମକର୍ତ୍ତାମାନେ ଉତ୍ସବରେ ଉପସ୍ଥିତ ଥିଲେ। ସନ୍ଧ୍ୟା ପରେ ମେଢ଼ଗୁଡ଼ିକ ଆଲୋକ ମାଳାରେ ସୁସଜ୍ଜିତ ହୋଇ ଶୋଭାଯାତ୍ରାରେ ଯାଉଥିବା ଦେଖାଯାଇଥିଲା । ବଜରଙ୍ଗ କ୍ଲବ ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତବର୍ଷ ମୁମ୍ବାଇର ଲାଲବାଗଚା ରାଜା ମୂର୍ତ୍ତି ସହ ମେଢକୁ କର୍ମକର୍ତ୍ତା ଓ ସଦସ୍ୟମାନେ ମହାରାଷ୍ଟ୍ରର ପାରମ୍ପରିକ ପୋଷାକରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ନେଉଥିବା ଦେଖାଯାଇଥିଲା । କଲେଜ ଛକ, କ୍ରିଷ୍ଣା ବଜାର, କୁଞ୍ଜକାନ୍ତ, ଗୁଡ଼ିଆନାଳୀ ମେଢ଼ଗୁନିକ ହନୁମାନ ବାଟିକା ଟ୍ରାଫିକ ଛକଠାରୁ ନିଜ ଅଞ୍ଚଳ ଆଡ଼କୁ ଯାଉଥିବା ଦେଖାଯାଇଥିଲା । ରାତି ୧୦ଟା ସୁଦ୍ଧା ବିଭିନ୍ନ ଜଳାଶୟରେ ୨୦ଟି ମେଢ଼ ବିସର୍ଜିତ ହୋଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ରାତି ୯ଟା ପରେ ମାଇକ୍, ସାଉଣ୍ଡ ଓ ଲାଇଟ୍ ସବୁ ବନ୍ଦ କରିଦିଆଯାଇଥିଲା। ଟ୍ରାଫିକ ବ୍ୟବସ୍ଥାକୁ ମଧ୍ୟ ନିୟନ୍ତ୍ରଣ କରାଯାଇଛି ।

## ସୋସିଆଲ ମିଡିଆ ପ୍ରତିଯୋଗିତା ଜରିଆରେ ନୂତନ ଭୋଟରଙ୍କ ଅଂଶଗ୍ରହଣ

ଢେଙ୍କାନାଳ,୧୩।୯(ରତନ ନାୟାର)

ସୋସିଆଲ ମିଡିଆ ପ୍ରତିଯୋଗିତା ମାଧ୍ୟମରେ ଢେଙ୍କାନାଳ ଜିଲାରେ ୨୦୦୬ ଓ ୨୦୦୭ ମସିହାରେ ଜନ୍ମିତ ତଥା ଆଜି ତାରିଖ ଅନୁଯାୟୀ ୧୮ବର୍ଷ ବୟସ୍କ ନୂତନ ଭୋଟରଙ୍କର ପଞ୍ଜୀକରଣକୁ ବଢ଼ାଇବା ପାଇଁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏଥିପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ନୂତନ ଭୋଟରଙ୍କୁ ଉତ୍ସାହିତ କରିବା ପାଇଁ ଏବଂ ସେମାନଙ୍କୁ ପ୍ରତି ଭୋଟ ମୂଲ୍ୟବାନ ବୋଲି ସଚେତନ କରିବା ପାଇଁ ୨୦ରୁ ୩୦ ସେକେଣ୍ଡର ଏକ ଭିଡିଓ ସୁଟିଂ କରିବା, ଏଥିପାଇଁ କରାଯାଇଥିବା ରିଲ୍ ସୋସିଆଲ ମିଡିଆ ଓ ଜିଲା ପ୍ରଶାସନର ସୋସିଆଲ ମିଡିଓ, ଇନ୍‌ଷ୍ଟାଗ୍ରାମରେ ଛାଡିବା ଏବଂ ସିଇଓ ଓଡିଶାକୁ ଟ୍ୟାଗ୍ କରିବା। ବିଜେତାମାନଙ୍କୁ ସିଧାସଳଖ ମେସେଜ ଏବଂ ସେମାନଙ୍କ ଫୋନ ନମ୍ବର ମାଧ୍ୟମରେ ଯୋଗାଯୋଗ କରାଯିବ। କେବଳ ଭାଗ ନେଉଥିବା ପ୍ରତିଯୋଗୀଙ୍କ ନାମ ସହିତ ଜିଲା ପ୍ରଶାସନ ଓ ସିଇଓଙ୍କୁ ଟ୍ୟାଗ୍ କରାଯିବ। ପୁରୁଣା ରିଲ୍‌ସକୁ ବାଦ୍‌ଦେଇ ନୂଆ ରିଲ୍‌ସ ଅପଲୋଡ କରିବା ପାଇଁ ପରାମର୍ଶ ଦିଆଯାଇଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାଯାଇଛି ।

## ଓରମାସ କ୍ରେତା ବିକ୍ରେତା ସମ୍ମିଳନୀ

**ଗ୍ରାମୀଣ ଶିଳ୍ପ ଉଦ୍ୟାନର ୬ଟି ଉତ୍ପାଦ ଉନ୍ମୋଚିତ**



ଢେଙ୍କାନାଳ,୧୩।୯(ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦ ଓରମାସ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ହୋଟେଲ ନିରୁପମା ପରିସରରେ ଓରମାସ କ୍ରେତା ବିକ୍ରେତା ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଡ. ସୁଜାତା ପ୍ରିୟଦର୍ଶିନୀ ନାୟକ ଉଦ୍‌ଘାଟନ କରିଥିଲେ । ଏଥିରେ ଗ୍ରାମ ଶିଳ୍ପ ଉଦ୍ୟାନର ୬ଟି ଉତ୍ପାଦ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ସ୍ଥାନ ଓ ବିଭିନ୍ନ ଶିଳ୍ପାନୁଷ୍ଠାନରୁ କ୍ରେତାମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଏହି କ୍ରେତାମାନେ ହେଲେ ରିଲାଏନ୍ସ, ଫାବ୍ ଇଣ୍ଡିଆ, ଆଇଟିସି, ଜିଏମ୍‌ଆର ସିଏସ୍‌ଆର ୟୁନିଟ୍, ମେଡ୍‌ବସ୍, ପ୍ରମାଣ ଫର ୟୁ, କୌସ୍ତୁବ ସଲ୍ୟୁସନ, ଇନ୍ଦ୍ରଧନୁ ଆର୍ଟସ୍, ଜୟଅମ୍ବେ, ଏ-୧ ହିନ୍ଦୁଜା ପ୍ରମୁଖ । ଓରମାସର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ପରିଡ଼ା ଉତ୍ପାଦର ବିବରଣୀ ପ୍ରଦାନ କରିଥିଲେ। ବିପଣନ ବିଶେଷଜ୍ଞ ସୁଜୟ କର, ଉତ୍ପାଦ ଉନ୍ନୟନ ଓ ବିପଣନ କଳା ଉପରେ ଆଲୋକପାତ କରିଥିଲେ । ଏଫ୍‌ପିଓ, ଉତ୍ପାଦକ କମ୍ପାନୀ, ଉତ୍ପାଦକ ଗୋଷ୍ଠୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଇଣ୍ଟରପ୍ରାଇଜ୍ ଏବଂ ଗ୍ରାମୀଣ ଶିଳ୍ପ ଉଦ୍ୟାନରୁ ବିଭିନ୍ନ ବିକ୍ରେତା ଉପସ୍ଥିତ ରହିଥିଲେ। ମିଶନଶକ୍ତି ଓରମାସର ରାକେଶ କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା ଓ ସଂଯୋଜନା କରିଥିଲେ ।

## କେନ୍ଦ୍ରୀୟ ବିଦ୍ୟାଳୟରେ ଅପାର ଆଇଡି ସମ୍ପର୍କିତ ସଚେତନତା କର୍ମଶାଳା

ଢେଙ୍କାନାଳ,୧୩।୯(ରତନ ନାୟାର)

ଢେଙ୍କାନାଳ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଆସେମ୍ବ୍ଲି ହଲ ପରିସରରେ ଶୁକ୍ରବାର ଶିକ୍ଷକ-ଅଭିଭାବକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅପାର (ଏଟୋମେଟେଡ୍ ପରାମାନେଣ୍ଟ ଆକାଡେମିକ୍ ଆକାଉଣ୍ଟ ରେଜିଷ୍ଟ୍ରି) ଆଇଡି ସମ୍ପର୍କିତ ଆଲୋଚନା ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦାଶ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ୯ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ସ୍ୱତନ୍ତ୍ର ଅପାର ଆଇଡି ସମ୍ପର୍କିତ ସଚେତନତା ଓ ଏହାର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ଏଥିସହିତ ଏ ସମ୍ପର୍କିତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ ରତ୍ନାକର ପ୍ରଧାନ ଆପାର ଆଇଡିର ଉପାଦେୟତା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଦୀର୍ଘ ଏକଘଣ୍ଟା ଧରି ଆୟୋଜିତ ଏହି ବୈଠକରେ ୩୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଓ ୯ମରୁ ଦ୍ୱାଦଶ ଶ୍ରେଣୀର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ଅନ୍ୟ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଭିଭାବକମାନେ ଆପାର ଆଇଡି ସୃଷ୍ଟି ସମ୍ପର୍କିତ ସମ୍ମତି ପତ୍ର ଶ୍ରେଣୀ ଶିକ୍ଷକମାନଙ୍କୁ ପ୍ରଦାନ କରିଥିଲେ।



ସଚେତନତା କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ।

## ଟାଟାଷ୍ଟିଲ ମେରାମଣ୍ଡଳୀ ପକ୍ଷରୁ ଜରୁରିକାଳୀନ ମକ୍‌ଡ୍ରିଲ




ଜରୁରିକାଳୀନ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଢେଙ୍କାନାଳ,୧୩।୯(ରତନ ନାୟାର)

ଢେଙ୍କାନାଳ ଜିଲା ଟାଟାଷ୍ଟିଲ ମେରାମଣ୍ଡଳୀ (ଟିଏସ୍‌ଏମ୍) ପକ୍ଷରୁ ଏହାର କୋକ୍ ଓଭେନ୍ ଗ୍ୟାସ ହୋଲଡରେ ଶୁକ୍ରବାର ଏକ ଜରୁରିକାଳୀନ ମକ୍‌ଡ୍ରିଲ ସଫଳତାର ସହ ଆୟୋଜିତ ହୋଇଛି । ପ୍ଲାଣ୍ଟର ଜରୁରିକାଳୀନ ସ୍ଥିତିଲାଗି ଏହି ମକ୍ ଡ୍ରିଲରେ ଏକ କୃତ୍ରିମ ଗ୍ୟାସ୍ ଲିକ୍ ଭଳି ପରିସ୍ଥିତି ପ୍ରଦର୍ଶିତ ହୋଇଥିଲା । ଫ୍ୟାକ୍ଟ୍ରି ଆଣ୍ଡ ବଏଲର ଢେଙ୍କାନାଳ ଜୋନ୍ ସହକାରୀ ନିର୍ଦ୍ଦେଶକ ଇଂ ପୁଷ୍ପମିତ୍ରା ଜେନା, ଜିଲା ଜରୁରିକାଳୀନ ଅଧିକାରୀ ସଙ୍ଗୀତା ଦାସ, ଜିଲା ଅଗ୍ନିଶମ ସେବା ଅଧିକାରୀ ପ୍ରଶାନ୍ତ ଧଳଙ୍କ ସମେତ ଜିଲା କ୍ରାଇସିସ୍ ଟିମ୍ ପ୍ରତିନିଧି ଭାବେ ଜିଏମ୍‌ଆର, ନବ ଲିମିଟେଡ୍, ଏମ୍‌ଜିଏମ୍, ରୁଙ୍ଗଟା, ରିମଝିମ୍ ଓ ଜେପିଏସ୍‌ପିଏଲ୍ ଭଳି ସ୍ଥାନୀୟ ଶିଳ୍ପସଂସ୍ଥା ଏହି ଡ୍ରିଲରେ ଯୋଗ ଦେଇଥିଲେ । ବିଏସ୍‌ଏଲ ସୁରକ୍ଷା ମୁଖ୍ୟ ବିଲାସ ଏନ୍ ଗାଏକ୍ୱାଡ୍, ଏସ୍‌ଏମ୍‌ଏସ୍ ଓ ଏଲ୍‌ସିପି ମୁଖ୍ୟ ହର୍ପନହାଲି ମହେଶବାବୁ, କୋକ୍ ପ୍ଲାଣ୍ଟ ମୁଖ୍ୟ ବିରେନ୍ଦ୍ର ସିଂହ, ପରିବେଶ ମୁଖ୍ୟ ଅନୁପ ଶ୍ରୀବାସ୍ତବ, ପ୍ରକ୍ରିୟା ସୁରକ୍ଷା ମୁଖ୍ୟ କୁମାର ବରୁଣ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ୍ଷ ଭାବେ ଅଂଶଗ୍ରହଣ କରିଥିଲେ । ଡ୍ରିଲ୍ ପରେ ସାଇଟ୍ ଇନ୍‌ସିଡେଣ୍ଟ କଣ୍ଟ୍ରୋଲର, କମ୍ବାଟ୍ ଟିମ ଲିଡର, ଉଦ୍ଧାରକାରୀ ଦଳର ଲିଡର ଓ ଅକ୍‌ଜିଲାରୀ ଦଳର ଲିଡର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମର ଦକ୍ଷତା ଓ ପ୍ରଭାବକୁ ଶିଳ୍ପ ପ୍ରତିନିଧି ଅତିଥିମାନେ ପ୍ରଶଂସା କରିଥିବା ବେଳେ ବାସ୍ତବିକ ଜରୁରିକାଳୀନ ପରିସ୍ଥିତି ପାଇଁ ଏଭଳି ଡ୍ରିଲର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ଫାକଟ୍ରି (ଦୁର୍ଘଟଣା ବିପଦ ନିୟନ୍ତ୍ରଣ) ନିୟମ-୨୦୦୧ ଅନୁସାରେ ପ୍ରତି ୬ମାସରେ ଥରେ ଜିଲା କ୍ରାଇସିସ୍ ଟିମ୍ ପକ୍ଷରୁ ଜିଲାସ୍ତରୀୟ ମକଡ୍ରିଲ୍ ଆୟୋଜିତ ହୋଇଥାଏ । ଏହି କାର୍ଯ୍ୟକ୍ରମ ଶୂନ୍ୟ ଦୁର୍ଘଟଣା ପ୍ରତି ଟିଏସ୍‌ଏମ୍‌ର ପ୍ରତିବଦ୍ଧତାକୁ ଦୋହରାଇଥିବା ବେଳେ ଶିଳ୍ପ କ୍ଷେତ୍ରରେ ଜରୁରିକାଳୀନ ପରିସ୍ଥିତିର ଆବଶ୍ୟକତା ଉପରେ ଏହା ଗୁରୁତ୍ୱ ବହନ କରେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ପଟ୍ଟା ନ ପାଇବାରୁ ତହସିଲ ଆଗରେ ବସିଲେ ଗ୍ରାମବାସୀ



ଓଡ଼ାପଡ଼ା, ୧୩।୯ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ୪ଟି ଗ୍ରାମ ବାଙ୍ଗୁରସିଂ, ଗୋଡ଼ି ପର୍ବତ, ପନେଇଲୋ, ନୂଆ ଓଡ଼ାପଡ଼ାର ପ୍ରାୟ ୧୫୦ ପରିବାର ସରକାରୀ ଜାଗାରେ ଆଜକୁ ୬୪ ବର୍ଷ ହେଲା ରହିଆସୁଥିବା ସତ୍ତ୍ୱେ ସେମାନଙ୍କ ପଟ୍ଟା ହୋଇପାରୁନାହିଁ। ପଟ୍ଟା ପାଇଁ ଏହି ପରିବାରଗୁଡ଼ିକ ତହସିଲଦାର, ଜିଲାପାଳ ଆରଡିସିଙ୍କ ପାଖରେ ବାରମ୍ବାର ଅଭିଯୋଗ କରି ବିଫଳ ହୋଇଛନ୍ତି। ୪ ମାସ ପୂର୍ବରୁ ଓଡ଼ାପଡ଼ା ବ୍ଲକରେ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ପଟ୍ଟା ପାଇଁ ଅଭିଯୋଗ କରିଥିଲେ ଏବଂ ଜିଲାପାଳ ୭ ଦିନ ଭିତରେ ଏ ବିଷୟରେ ସମାଧାନ କରାଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ୪ ମାସ ବିତି ଯାଇଥିଲେ ମଧ୍ୟ କୌଣସି ସମାଧାନ ତହସିଲଦାରଙ୍କ ଠାରୁ ନ ପାଇବାରୁ ଶୁକ୍ରବାର ତହସିଲଦାରଙ୍କୁ ଦେଖା କରିବାକୁ ୪ ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ଗ୍ରାବବାସୀ ଏବଂ ନାଧରା ପୂର୍ବତନ ସରପଞ୍ଚ ମଞ୍ଜୁଲତା ସାହୁ ଆସିଥିଲେ। କିନ୍ତୁ ତହସିଲଦାରଙ୍କ ଦେଖା ନ ପାଇ ନିରାଶ ହୋଇଛନ୍ତି। ଶ୍ରୀମତୀ ସାହୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ମଙ୍ଗଳବାର ଦିନ ଲୋକମାନଙ୍କ ସାଙ୍ଗରେ ଆଲୋଚନା କରିବେ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି। ଆଗାମୀ ଦିନରେ ଯଦି ଲୋକମାନେ ପଟ୍ଟା ନ ପାଆନ୍ତି, ତେବେ ରାଜରାସ୍ତାକୁ ଓହ୍ଲାଇବା ସଙ୍ଗେ ସଙ୍ଗେ ନୂଆ ସରକାରଙ୍କୁ ଜଣାଇବେ ବୋଲି ସମାଜସେବୀ ସଂଜ୍ଞୟ ନାଏକ କହିଛନ୍ତି ।

## ଶବ୍ଦ ପ୍ରଦୂଷଣକୁ ନେଇ ଅସନ୍ତୋଷ

ଢେଙ୍କାନାଳ,୧୩।୯(ରତନ ନାୟାର)

ଢେଙ୍କାନାଳ ସହରରେ ମିଳିତ ଗଣେଶ ପୂଜା ଭସାଣି ଶୋଭାଯାତ୍ରା ସମୟରେ ବ୍ୟାଣ୍ଡ ପାର୍ଟି ଗୁଡ଼ିକର ଅଧିକ ମାତ୍ରାରେ ଶବ୍ଦ ପ୍ରଦୂଷଣକୁ ନେଇ ସହରରେ ବିଭିନ୍ନ ବ୍ୟକ୍ତି ବିଶେଷ ମାନଙ୍କ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ୟାଣ୍ଡ ପାର୍ଟି ଶବ୍ଦରେ ଲୋକଙ୍କ ଛାତି ଥରି ଉଠିଥିଲା ବୋଲି ଅଭିଯୋଗ ହେବା ସହିତ ଏହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ କିଛି ବ୍ୟକ୍ତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଦେଖାଯାଇଛି । ଦିନକୁ ସନ୍ଧ୍ୟା ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ରହିଥିବା ବେଳେ ପ୍ରଶାସନ ଓ ପୋଲିସ ପକ୍ଷରୁ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ ନେବା ପାଇଁ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ଜବତ ସାମଗ୍ରୀ ପରୀକ୍ଷାଗାରକୁ ପଠାଗଲା

ଢେଙ୍କାନାଳ,୧୩।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ଜଣେ ଅସହାୟ ଯୁବତୀଙ୍କୁ ଗଣ ବଳାତ୍କାର କରି ୭ମାସ ଗର୍ଭବତୀ କରିବା ଘଟଣାରେ ପୋଲିସ ଓ ସାଇଣ୍ଟିଫିକ୍ ଦଳ ତଦନ୍ତ କରି ଜବତ କରିଥିବା ପୀଡ଼ିତାଙ୍କ ଲୁଗାପଟା ଏବଂ ଅନ୍ୟ ସାମଗ୍ରୀ ଓ ଅଂଶବିଶେଷକୁ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଲାବୋଟୋରିକୁ ପଠାଯାଇଛି। ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ପରିଚାଳନା କରିବା ପାଇଁ ଡିପିପିଙ୍କୁ ଜିଲା ପୋଲିସ ବିଭାଗ ପକ୍ଷରୁ ପତ୍ର ମାଧ୍ୟମରେ ଜଣାଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ଗୁରୁବାର ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ କାଠିଆ ଓରଫ୍ ତ୍ରିନାଥ ମହାରଣାଙ୍କୁ ଶୁକ୍ରବାର ସଦର ଥାନା ପୋଲିସ କୋର୍ଟଚାଲାଣ କରିଛନ୍ତି । ପୀଡ଼ିତା ଆଉ ଦୁଇଜଣ ଅଭିଯୁକ୍ତଙ୍କ ନାମ କହୁଥିବା ବେଳେ ଏହି ନାମ ଦୁଇଟିର କୌଣସି ସାଙ୍ଗିଆ ସମ୍ପର୍କରେ କହିପାରୁ ନ ଥିବାରୁ ପୋଲିସ ଏହି ଦୁଇଟି ନାମକୁ ନେଇ ଖୋଳତାଡ଼ ଜାରିରଖିଛି। ୧୫ଦିନ ମଧ୍ୟରେ ମାମଲାର ଚାର୍ଜସିଟ୍ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ଭାଜପା ସଦସ୍ୟତା ଅଭିଯାନ କର୍ମଶାଳା



ରାସୋଳ, ୧୩।୯(ସରୋଜ ମିଶ୍ର)

ହିନ୍ଦୋଳ ଉପଖଣ୍ଡ ରାସୋଳ ସ୍ଥିତ ଦାମାନି ପ୍ଲାଜାଠାରେ ଗୁରୁବାର ଭାଜପା ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ଭାଜପା ସଭାପତି ଆଇନଜୀବୀ ନରେଶ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇ ସଶକ୍ତ ଭାଜପା ବିକଶିତ ଭାରତ ଗଠନ ନିମନ୍ତେ ଆମେ ଦଳର ସଂଗଠନକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରାଇବାକୁ ହେଲେ ଘରକୁ ଘର ବୁଲି ସଦସ୍ୟତା ଅଭିଯାନକୁ ତ୍ୱରାନିତ କରିବାକୁ ମାର୍ଗଦର୍ଶନ କରାଇବା ସହ ପ୍ରକୃତରେ ସଂଗଠନ ଚଳାଇବାର ମୂଳ ଆଧାର ହେଉଛନ୍ତି କାର୍ଯ୍ୟକର୍ତ୍ତା ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ସାଧାରଣ ସଂପାଦକ ସୁନିଲ ଶର୍ମା, ଜିଲା ଉପସଭାନେତ୍ରୀ ଇତିଶ୍ରୀ ସାହୁ, ଜିଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, ହିନ୍ଦୋଳ ବ୍ଲକ ଉପାଧ୍ୟକ୍ଷ ବରୁଣ ସର ପ୍ରମୁଖ ଯୋଗଦେଇ ସାଙ୍ଗଠନିକ ବୃତ୍ତ ସଂପର୍କରେ ଆଲୋଚନା କରି ଦଳୀୟ ସଂଗଠନକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବାକୁ ଆହ୍ୱାନ ଜଣାଇଥିଲେ। ଜିଲା ସଂପାଦକ ତଥା ବିଧାନସଭା ସଦସ୍ୟତା ପ୍ରଭାରୀ ସୁଶାନ୍ତ ପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବୈଠକରେ ମନୋଜ ପଟନାୟକ, ଅଶୋକ ରାଉତ, ମନୋରଞ୍ଜନ ନାଥ, ସନ୍ତୋସ ବେହେରା, ଜୀବନ ମିଶ୍ର, ମନୋଜ ମହାରଣା, ଭାସ୍କର ଚନ୍ଦ୍ର ନାୟକ, ତପନ ମହାପାତ୍ର, ସତମନ୍ୟୁ ନାଏକ, ଅଜୟ ଦାଶ, ନିରାକାର ପ୍ରଧାନ, ବିପ୍ରବର ବେହେରା, ଯଶୋବନ୍ତ ରଣଜିତ ରାୟ, ପ୍ରକାଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ମୁହଁ ଖୋଲୁନାହାନ୍ତି ଅଧିକାରୀ

**ଅସହାୟ ଯୁବତୀଙ୍କୁ ଗଣବଳାତ୍କାର ମାମଲା**

ଢେଙ୍କାନାଳ,୧୩।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଞ୍ଚଳରେ ଜଣେ ଅସହାୟ ଯୁବତୀଙ୍କୁ ବାରମ୍ବାର ଗଣବଳାତ୍କାର କରାଯିବା ପରେ ସେ ୭ମାସର ଗର୍ଭବତୀ ହୋଇଥିଲେ। ଘଟଣା ଜଣାପଡ଼ିବାର ୧୦ଦିନ ବିତିବା ପରେ ମଧ୍ୟ ଯୁବତୀଙ୍କ ସ୍ୱାସ୍ଥ୍ୟ ଏବଂ ତାଙ୍କର ଥଇଥାନକୁ ନେଇ ପ୍ରଶାସନ ପକ୍ଷରୁ କେହି ମୁହଁ ଖୋଲୁନାହାନ୍ତି। ପୋଲିସ ବିଭାଗ ସବୁ ଜାଣି ମଧ୍ୟ ବିଳମ୍ବରେ ମାମଲା ରୁଜୁ କରି ଘଟଣାରେ ୫ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ନାବାଳକ ଅଭିଯୁକ୍ତଙ୍କୁ ଅନୁଗୋଳସ୍ଥିତ ସ୍ୱଧାର ଗୃହକୁ ପଠାଇଦେଇ ନିଜର କାର୍ଯ୍ୟ ସମ୍ପାଦନ କରିଛନ୍ତି । ଯୁବତୀଙ୍କ ବାପା ଜଣେ ମାନସିକ ରୋଗାଗ୍ରସ୍ତ ବ୍ୟକ୍ତି। ବହୁଦିନ ତଳରେ ଆବାସ ଘରଟିଏ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ମିଳି ନ ଥିଲା । କିନ୍ତୁ ତାଙ୍କଭଳି ଜଣେ ନିରାଶ୍ରୟ ଲୋକଙ୍କୁ ଘରଟିଏ ଦେବା ପାଇଁ କୌଣସି ସରକାରୀ ଅଧିକାରୀ ତତ୍ପରତା ପ୍ରକାଶ କରିନଥିଲେ। ସେହିପରି ବର୍ତ୍ତମାନ ପୀଡ଼ିତାଙ୍କର ଥଇଥାନ ଏବଂ ତାଙ୍କର ସାମାଜିକ ଜୀବନ ଯାପନ କିପରି ସୁରକ୍ଷିତ ରହିବ, ଏହାକୁ ନେଇ ଚନ୍ତା ପ୍ରକାଶ ପାଉଥିବା ବେଳେ ପ୍ରଶାସନ ପକ୍ଷରୁ ଏନେଇ କେହି ମୁହଁ ଖୋଲୁନାହାନ୍ତି କିମ୍ବା ତତ୍ପରତା ପ୍ରକାଶ ପାଉନାହିଁ। ଯୁବତୀ ଜଣକ ଏକ ପରିତ୍ୟକ୍ତ ଡୋକ୍ରା ଗୃହର ସିଡ଼ିତଳେ ରହୁଥିବା ବେଳେ କାହାର କିପରି ଦୃଷ୍ଟି ପଡିଲା ନାହିଁ, ତାହା ତଦନ୍ତ ସାପେକ୍ଷ । ଯୁବତୀ ଜଣକ ୭ମାସର ଗର୍ଭବତୀ ହୋଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କର୍ମୀମାନେ ଏ ସମ୍ପର୍କରେ ନ ଜାଣିବା ମଧ୍ୟ ତଦନ୍ତ ସାପେକ୍ଷ । ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଓ ସମାଜ କଲ୍ୟାଣ ବିଭାଗକୁ ପଚାରିଲେ ମଧ୍ୟ ଅଧିକାରୀମାନେ କାହିଁକି ପ୍ରସଙ୍ଗକୁ ଏଡାଇ ଯାଉଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହିଳା କମିଶନ ଅଧ୍ୟକ୍ଷା ଢେଙ୍କାନାଳ ଆସି ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡିତାଙ୍କ ସହିତ ମଧ୍ୟ କଥା ହୋଇଥିଲେ। ସମଗ୍ର ରାଜ୍ୟରେ ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବା ବେଳେ ଢେଙ୍କାନାଳ ସ୍ୱାସ୍ଥ୍ୟ ବିଭାଗ, ସମାଜ କଲ୍ୟାଣ ବିଭାଗ ଏବଂ ମହିଳା ଶିଶୁ ବିକାଶ ବିଭାଗ କୌଣସି ତତ୍ପରତା ନ ଦେଖାଇବା ଆଲୋଚନାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳଙ୍କୁ ପଚାରିବାରେ ସେ କହିଛନ୍ତି, ସାଧାରଣତଃ ଗ୍ରାମରେ ଯେଉଁ ମହିଳା ବିବାହିତ ସେ ଗର୍ଭଧାରଣ କଲେ ଆଶାକର୍ମୀମାନେ ତାଙ୍କ ନିକଟକୁ ପହଞ୍ଚି ତଥ୍ୟ ସଂଗ୍ରହ କରନ୍ତି । କିନ୍ତୁ ଏଭଳି ଘଟଣାରେ ତଥ୍ୟ ମିଳିବା କଷ୍ଟକର। ତଥାପି ଘଟଣା ସମ୍ପର୍କରେ କାହିଁକି ଜଣାପଡିଲା ନାହିଁ ସେ ସମ୍ପର୍କରେ ଅନୁସନ୍ଧାନ କରୁଛୁ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି। ସେହିପରି ଜିଲା ସମାଜ ମଙ୍ଗଳ ଅଧିକାରୀ ମିତା ଶର୍ମା କହିଛନ୍ତି, ପୀଡିତାଙ୍କୁ ସ୍ୱଧାର ଗୃହରେ ରଖାଯାଇଛି । ଘଟଣାର ସମସ୍ତ ରିପୋର୍ଟ ଆମେ ରାଜ୍ୟ ସରକାରଙ୍କୁ ଦେଇଛୁ । ରାତି ୧୦ଟା ପର୍ଯ୍ୟନ୍ତ ଆମେ କାର୍ଯ୍ୟବ୍ୟସ୍ତ ରହୁଛୁ ବୋଲି କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ । କିନ୍ତୁ ପୀଡ଼ିତାଙ୍କର ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ତାଙ୍କର ଥଇଥାନ ସମ୍ପର୍କରେ ସରକାରୀ ଅଧିକାରୀମାନେ କୌଣସି କଥା ସ୍ପଷ୍ଟ ନ କରିବା ସେମାନେ କେତେଦୂର ଦାୟିତ୍ୱ ସମ୍ପନ୍ନ ତାହାକୁ ନେଇ ସହରରେ ଆଲୋଚନା ହେଉଛି।

# ପାଣିରେ ପଶି ଯାତାୟାତ

- ମରାମତି ହେଉନି ଆପ୍ରୋଚ ରୋଡ୍
- ରାସ୍ତା ଉପରେ ପ୍ରବାହିତ ହେଉଛି ନାଳ ପାଣି
- ହଇରାଣ ହେଉଛନ୍ତି ୪ ପଞ୍ଚାୟତବାସୀ


ଆପ୍ରୋଚ ରୋଡ୍ ଉପରେ ପ୍ରବାହିତ ହେଉଥିବା ନାଳ ପାଣିରେ ପଶି ଲୋକେ ଯାତାୟାତ କରୁଛନ୍ତି।

ବଇଣ୍ଡା, ୧୩।୯ (ପରିକ୍ଷିତ ସାହୁ)

ଗମନାଗମନର ଅଧିକ ସୁବିଧା ପାଇଁ ନାଳ ଉପରେ ଥିବା ଛୋଟ ପୋଲ ଭଙ୍ଗାଯାଇ ନିର୍ମାଣ ହେଉଛି ବଡ଼ ବ୍ରିଜ୍। ଏହି ସମୟ ମଧ୍ୟରେ ଲୋକେ ଯେପରି ଯାତାୟାତ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ନିର୍ମାଣାଧୀନ ବ୍ରିଜ୍ ପାର୍ଶ୍ୱରେ କରାଯାଇଛି ଆପ୍ରୋଚ ରୋଡ୍। ହେଲେ ଏହାକୁ ଠିକ୍ ଭାବେ ତିଆରି କିମ୍ବା ମରାମତି କରାଯାଉ ନ ଥିବାରୁ ନାଳ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଫଳରେ ବିପଦ ଆଶଙ୍କା ସତ୍ତ୍ୱେ ଏହି ପାଣିରେ ପଶି ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କୁରୁମଟାପ, କୃତ୍ତିବାସପୁର, ସାନହୁଲା, ଠାକୁରଗଡ଼ ପଞ୍ଚାୟତବାସୀ। ଏ ନେଇ କୁରୁମଟାପବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ଅଭିଯୋଗରେ କୁରୁମଟାପବାସୀ ଉଲ୍ଲେଖ କରିଛନ୍ତି, ସାନହୁଲା ପଞ୍ଚାୟତର ସାନହୁଲା-କୃତ୍ତିବାସପୁର ରାସ୍ତା ଉପରେ ଉକ୍ତ ୪ ପଞ୍ଚାୟତବାସୀ ନିର୍ଭରଶୀଳ। ହେଲେ ରାସ୍ତାରେ ଥିବା ସାନହୁଲା ନାଳଠାରେ ପୂର୍ବରୁ ଥିବା ଛୋଟ ପୋଲକୁ ଭଙ୍ଗାଯାଇ ନୂଆ ବ୍ରିଜ୍ ନିର୍ମାଣ କରାଯାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୪ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ବ୍ରିଜ କାର୍ଯ୍ୟ ଗତ ଫେବୃଆରୀରୁ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ତାହା ସେତେଟା ଆଗେଇପାରି ନାହିଁ। ଏହାଛଡ଼ା ନିର୍ମାଣସ୍ଥଳରେ ସୂଚନା ଫଳକ ମରାଯାଇ ନ ଥିବାବେଳେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ବ୍ରିଜ୍ ନିକଟରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଆପ୍ରୋଚ ରାସ୍ତା ଅତି ନିମ୍ନମାନର ହୋଇଥିବାରୁ ସାମାନ୍ୟ ବର୍ଷାରେ ରାସ୍ତା ଧୋଇ ହୋଇଯାଉଛି। ଆବଶ୍ୟକ ହ୍ୟୁମ ପାଇପ ପକାଯାଇ ନ ଥିବା ଯୋଗୁ ନାଳରେ ଆସୁଥିବା ପାଣି ନିଷ୍କାସନ ହୋଇ ନ ପାରି ଆପ୍ରୋଚ ରାସ୍ତା ଉପରେ ପ୍ରବାହିତ ହେଉଛି। ଫଳରେ ଅନେକ ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡୁଛି। ବର୍ଷା ଯୋଗୁ କିଛି ଦିନ ହେଲା ନାଳରେ ଅଧିକ ପାଣି ଆସୁଥିବା ଯୋଗୁ ଅଞ୍ଚଳବାସୀଙ୍କ ସହ ଛାତ୍ରୀଛାତ୍ରମାନେ ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟାତ କରୁଛନ୍ତି। ଠିକାସଂସ୍ଥା କିମ୍ବା ବିଭାଗ ପକ୍ଷରୁ ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବା ଯୋଗୁ ଲୋକେ ୧୦ କି.ମି. ଅଧିକ ବାଟ ବୁଲି ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଏହି ଆପ୍ରୋଚ ରାସ୍ତା ମରାମତି ପାଇଁ କୁରୁମଟାପବାସୀ ବହୁବାର ବଇଣ୍ଡା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ମଧୁସ୍ମିତା ଦଳେଇ କହିଛନ୍ତି, ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ।

## ବରପାଲି ଗ୍ରାମ ଅଧିଗ୍ରହଣ ପାଇଁ ଦାବିପତ୍ର

ତାଳଚେର, ୧୩।୯ (ମନୋଜ ନନ୍ଦ)

ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତର ବରପାଲି ଗ୍ରାମକୁ ଏମ୍‌ସିଏଲ୍ ଅଧିଗ୍ରହଣ କରିବାକୁ ଗ୍ରାମବାସୀ ତାଳଚେର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ଏମ୍‌ସିଏଲ୍ ଭରତପୁର ଓ ଜଗନ୍ନାଥ ଖଣିର ମାତ୍ର ଶହେ ମିଟର ଦୂରରେ ଥିବା ଏହି ଗ୍ରାମରେ ୮୦ ପରିବାର ବାସ କରୁଛନ୍ତି। ଖଣି କାର୍ଯ୍ୟ ପାଇଁ ପ୍ରବଳ ବ୍ଲାଷ୍ଟିଂ ଓ ଧୂଳିଧୂଆଁ ଜନିତ ବାୟୁ ପ୍ରଦୂଷଣ ହେଉଥିବାରୁ ଗ୍ରାମବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି ସେଠାରେ ବସବାସ କରିବା କଷ୍ଟସାଧ୍ୟ ହୋଇପଡିଛି। ଏହାପୂର୍ବରୁ ସମସ୍ୟା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଏ ସମ୍ପର୍କରେ କୋଲ ଇଣ୍ଡିଆ, ଏମସିଏଲ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନକୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ତେବେ ସମ୍ପୃକ୍ତ ଗ୍ରାମକୁ ଅଧିଗ୍ରହଣ କରିବାକୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆ ଯାଇନାହିଁ। ଏଣୁ ପୁନର୍ବାର ଦାବିପତ୍ର ପ୍ରଦାନ କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଗ୍ରାମ ସଭାପତି ଗୋଲେଖ ପ୍ରଧାନ, ସମ୍ପାଦକ ଗୋପାଳ ବାରିକ, ଦୀପ୍ତିରେଖା ବାରିକ, ଉପଦେଷ୍ଟା ବାସୁଦେବ ସାହୁ, ବିକ୍ରମ ପ୍ରଧାନ, ଅଷ୍ଟଶମ୍ଭୁ ବେହେରା, ସୁନୀଲ କୁମାର ଭୁକ୍ତା, ସର୍ତ୍ତୁକ ଅମାନ୍ତ, ଶ୍ୟାମଘନ ସାହୁ, କପିଳେଶ୍ୱର ସାହୁ, ପ୍ରଶାନ୍ତ ରଣା, ଶ୍ରୀକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଗ୍ରୀଡ୍ କାର୍ଯ୍ୟକ୍ଷମ ପାଇଁ ବିଧାୟକଙ୍କ ଦାବି



ବଇଣ୍ଡା, ୧୩।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ଗୌତମପୁରଠାରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ନିର୍ମିତ ଗ୍ରୀଡ୍‌କୁ କାର୍ଯ୍ୟକ୍ଷମ ପାଇଁ ଗୁରୁବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ବିଧାନସଭାରେ ଦାବି କରିଥିଲେ। ଏହି ଗ୍ରୀଡ୍ କେବେ କାର୍ଯ୍ୟକ୍ଷମ ହେବ ବୋଲି ବିଧାୟକ ପ୍ରଧାନ ରାଜ୍ୟ ଶକ୍ତିମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହି ଗ୍ରୀଡ୍ କାର୍ଯ୍ୟକ୍ଷମ କରାଯିବା ସହ ଆଠମଲ୍ଲିକ ଅଞ୍ଚଳକୁ ଏଥିରୁ ବିଦ୍ୟୁତ୍ ଯୋଗାଇ ଦିଆଗଲେ ବିଦ୍ୟୁତ୍ ସମସ୍ୟା ସମାଧାନ ହେବା ସହ ଲୋକେ ଆବଶ୍ୟକ ସେବା ପାଇପାରିବେ ବୋଲି ବିଧାୟକ ଶକ୍ତି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଫୁଲ ପକାଇ ସୁଭଦ୍ରା ରଥକୁ ସ୍ୱାଗତ



ବଇଣ୍ଡା, ୧୩।୯ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଲୁହାମୁଣ୍ଡା, ହଣ୍ଡପା, କଟରଙ୍ଗା, କଣ୍ଟେଇକୋଳିଆ, ନୁନୁକାପଶି, ଗାଁ ବଇଣ୍ଡା, ଜାମୁନାଳୀ ଆଦି ପଞ୍ଚାୟତରେ ଶୁକ୍ରବାର ସୁଭଦ୍ରା ରଥକୁ ସ୍ୱାଗତ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ଗାଁ ବଇଣ୍ଡା ସରପଞ୍ଚ ସସ୍ମିତା ସାହୁ, କଣ୍ଟେଇକୋଳିଆ ସରପଞ୍ଚ ନୟନୀ ବେହେରା, ହଣ୍ଡପାର ରଶ୍ମିତା ପ୍ରଧାନ, ଲୁହାମୁଣ୍ଡା ସରପଞ୍ଚ କୁମୁନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ରଥକୁ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଅଞ୍ଚଳବାସୀଙ୍କୁ ଅବଗତ କରାଇଥିଲେ। ଏହି ଯୋଜନା ମାଧ୍ୟମରେ ପ୍ରକୃତ ହିତାଧିକାରୀ ମହିଳାଙ୍କୁ ସରକାର ୫ ବର୍ଷରେ ୧୦ଟି କିସ୍ତି ମାଧ୍ୟମରେ ୫୦ ହଜାର ଟଙ୍କା ଯୋଗାଇ ଦେବେ ବୋଲି କହିଥିଲେ। ଏଥିରେ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ଗ୍ରାମରେ ଏହି ରଥକୁ ଫୁଲ ପକାଇ ସ୍ୱାଗତ କରାଯାଇଥିଲା।

## ନୂତନ ଉପଜିଲାପାଳଙ୍କୁ ସାକ୍ଷାତ, ସମ୍ବର୍ଦ୍ଧନା

ତାଳଚେର, ୧୩।୯ (ମନୋଜ ନନ୍ଦ)

ଓଡ଼ିଶା ସେଣ୍ଟ ଜନ ଆମ୍ବୁଲାନ୍ସ ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ତାଳଚେରର ନୂତନ ଉପଜିଲାପାଳ ସମୀର କୁମାର ଜେନା(ଆଇଏଏସ୍)ଙ୍କୁ ସୌଜନ୍ୟମୂଳକ ସାକ୍ଷାତ ସହିତ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଅନୁଷ୍ଠାନର କମାଣ୍ଡର ଦୀନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ସଦସ୍ୟମାନେ ଉପଜିଲାପାଳ ଜେନାଙ୍କୁ ଉତ୍ତରୀୟ, ଟୋପି, ଚାରା ଏବଂ ପ୍ରାଥମିକ ଚିକିତ୍ସା ପୁସ୍ତକ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଆଦିରେ କରାଯାଉଥିବା ସହାୟତା ସେବା ସମ୍ପର୍କରେ ଉପଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଉପଜିଲାପାଳ ଅନୁଷ୍ଠାନକୁ ପ୍ରଶଂସା କରିବା ସହିତ ପ୍ରତ୍ୟେକ କାର୍ଯ୍ୟରେ ସାହାଯ୍ୟ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ ସମ୍ବର୍ଦ୍ଧନା ବେଳେ ଆମ୍ବୁଲାନ୍ସ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ବ୍ରିଗେଡିୟର ଅକ୍ରମ ବାରିକ, ଚନ୍ଦନ ପ୍ରଧାନ, ଶୁଭ୍ରାଂଶୁ ମୋହନ ପ୍ରଧାନ, ସୁକାନ୍ତ ଦେହୁରୀ, ସଞ୍ଜୀବ କୁମାର ବେହେରା, ସୁଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ।



## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ବଇଣ୍ଡା, ୧୩।୯ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକରେ ହେବାକୁ ଥିବା ମା' ଦୁର୍ଗାଙ୍କ ପୂଜା ପାଇଁ ଶୁକ୍ରବାର ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ କରାଯାଇଛି। ବଇଣ୍ଡା ଏକ୍ସଚେଞ୍ଜ ନିକଟରୁ ମା'ଙ୍କ ମୂର୍ତ୍ତି ପାଇଁ ମାଟି ସଂଗ୍ରହ କରାଯାଇଛି। ନୀତିନିୟମ ଅନୁସାରେ ପୂଜକ ପ୍ରକାଶ ଚନ୍ଦ୍ର ମିଶ୍ର ପୂଜା କରିବା ପରେ ମାଟି ଉଠାଯାଇଥିଲା। ପରେ ଶୋଭାଯାତ୍ରାରେ ମାଟିକୁ ମଣ୍ଡପ ଯାଏ ଅଣାଯାଇଥିଲା। ଏଥିରେ ସରୋଜ କୁମାର ସାହୁ, ଗିରିଶ ଚନ୍ଦ୍ର ବେହେରା, ସୁବାସ ଶତପଥୀ, ଲମ୍ବୋଦର ପାତ୍ର, ଟୁଲୁ ସାହୁ, ସୁଜିତ କୁମାର ନନ୍ଦ, ବିକାଶ ସାହୁ, ଅନ୍ତର୍ଯ୍ୟାମୀ ପାତ୍ର, ରମେଶ ଘିୱାଲାଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ବିର୍ସା ବିକାଶ ସମିତି ପକ୍ଷରୁ ଦାବିପତ୍ର



ପାଲଲହଡା, ୧୩।୯ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ବିର୍ସା ବିକାଶ ସମିତି କେନ୍ଦ୍ରୀୟ ହୋ ଭାଷା ସଙ୍ଗଠନ ଆନୁକୂଲ୍ୟରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପାଲଲହଡ଼ା ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ପ୍ରଦାନ, ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା, ହୋ ଭାଷାରେ ଅଙ୍ଗନୱାଡିଗୁଡ଼ିକରେ 'ନୂଆ ଅରୁଣିମା' ମାର୍ଗଦର୍ଶିକା ପୁସ୍ତକ ପ୍ରଚଳନ କରିବା, ସ୍କୁଲରୁ ବିଶ୍ୱବିଦ୍ୟାଳୟ ଯାଏ ହୋ ଭାଷାରେ ପାଠ୍ୟକ୍ରମ ପ୍ରଚଳନ, ୮୦ ପ୍ରତିଶତରୁ ଅଧିକ ହୋ ଜନଜାତିର ଛାତ୍ରୀଛାତ୍ର ଥିବା ପ୍ରାୟ ୫୦୦ରୁ ଅଧିକ ପ୍ରାଥମିକ ବିଦ୍ୟାଳୟରେ ବହୁ ଭାଷୀ ଶିକ୍ଷା ଯୋଜନା ଲାଗୁ କରାଯାଇ ଆବଶ୍ୟକ ହୋ ଭାଷା ଶିକ୍ଷକ ନିଯୁକ୍ତି କରାଯିବା ଆଦି ଦାବି ଏଥିରେ ଉଲ୍ଲେଖ କରାଯାଇଛି। ସମିତିର ପାଲଲହଡ଼ା ସଭାପତି ଈଶ୍ୱର ପିଙ୍ଗୁଆଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଭାଜପାର ସଦସ୍ୟତା ଅଭିଯାନ ଆରମ୍ଭ

ଆଠମଲ୍ଲିକ, ୧୩।୯ (ଉଦୀପ୍ତ ପୁରୋହିତ)

ଭାଜପା ପକ୍ଷରୁ ସଦସ୍ୟ ଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅନୁଗୋଳ ଜିଲା ଉପସଭାପତି ତଥା ଆଠମଲ୍ଲିକ ଏନ୍‌ଏସି ସଦସ୍ୟ ଗ୍ରହଣ ଅଭିଯାନ ପ୍ରଭାରୀ ଅର୍ଜୁନ କୁମାର ସାହୁଙ୍କ ନେତୃତ୍ୱରେ ଗୁରୁବାର ଆଠମଲ୍ଲିକ ଏନଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡରେ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅଭିଯାନରେ ପୂର୍ବତନ ପୌର ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା, ନଗର ମଣ୍ଡଳ ସଭାପତି ଅବନୀ କୁମାର ପ୍ରଧାନ, ସମ୍ପାଦକ ପିନା ପାଣିଗ୍ରାହୀ, ସୁଶାନ୍ତ ପ୍ରଧାନ, ବରିଷ୍ଠ ନେତା ବିପିନ ମହାପାତ୍ର, ଆଇନଜୀବୀ ପ୍ରାଣବନ୍ଧୁ ମେଣ୍ଡୁଲି, ଆଇନଜୀବୀ ପ୍ରଭାକର କଅଁର, ସୁଶୀଲ ମହାକୁଡ଼, ବିଜୟ ପ୍ରମୁଖ ଉପସ୍ଥିତ ରହି ସଦସ୍ୟ ସଂଗ୍ରହ ଅଭିଯାନରେ ସାମିଲ ହୋଇଥିଲେ।



## ମାୟାଧର ସାମଲଙ୍କ ବିୟୋଗରେ ଭାଜପାର ଶୋକ

ତାଳଚେର, ୧୩।୯ (ମନୋଜ ନନ୍ଦ)

ତାଳଚେର ସନ୍ଥପଡା ପଞ୍ଚାୟତର ଜଣେ ପୁରୁଖା ନେତା ମାୟାଧର ସାମଲଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଜଣେ ଜଣାଶୁଣା ସାମାଜିକ କର୍ମୀ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ଥିଲେ। ତାଳଚେରରେ ଜନତା ଦଳ, ବିଜୁ ଜନତା ଦଳ ଓ ପରେ ଭାଜପାର ସକ୍ରିୟ ସଦସ୍ୟ ଥିଲେ। ଜଣେ ସୁ ସଙ୍ଗଠକ ଭାବେ ତାଙ୍କର ପରିଚୟ ରହିଥିଲା। ତାଙ୍କ ମୃତ୍ୟୁ ଖବରପାଇ ଏମ୍‌ପି ରୁଦ୍ର ନାରାୟଣ ପାଣି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ବରିଷ୍ଠ ଭାଜପା ନେତା କାଳନ୍ଦୀ ସାମଲ ତାଙ୍କ ବାସ ଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ସେହିପରି ସରପଞ୍ଚ ସହଦେବ ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ଗଭୀର ଶୋକ ପ୍ରକଟ କରିଛନ୍ତି।

## ଡିଜିଟାଲ ପାଠାଗାର ବ୍ୟବହାର ତାଲିମ

ଅନୁଗୋଳ, ୧୩।୯ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଭର୍ଚୁଆଲ ପାଠାଗାର ବ୍ୟବହାର ନିମନ୍ତେ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ, ଇବିଏସ୍‌ସିଓ ଏବଂ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ମିଳିତ ଭାବେ ଆୟୋଜନ କରିଥିଲେ। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଭାବେ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ ଆନୁକୂଲ୍ୟରେ ସହବନ୍ଧିତ ଅନୁଷ୍ଠାନ ଇବିଏସ୍‌ସିଓ ଏହି ତାଲିମ ପ୍ରଦାନ କରିଥିଲା। ଛାତ୍ରୀଛାତ୍ର ଓ ଅଧ୍ୟାପକମାନେ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ଭର୍ଚୁଆଲ ପାଠାଗାରର ସଦୁପଯୋଗ କିପରି କରିପାରିବେ ସେ ବିଷୟରେ ଇବିଏସସିଓର ପ୍ରଶିକ୍ଷକ ରାଜ କୁମାର ମହାପାତ୍ର ସବିଶେଷ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇ ଲ-ରିସୋର୍ସର ବ୍ୟବହାର ଉପଯୋଗୀ କୌଶଳ ଶିକ୍ଷା କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ପଟେଲ ସଭାପତିତ୍ୱ କରି ପୁସ୍ତକର ବ୍ୟବହାର ଓ ଉପଯୋଗିତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଗ୍ରନ୍ଥାଗାରିକ ବିଶ୍ୱଜିତ୍ ନାଏକ ମହାବିଦ୍ୟାଳୟରେ ବ୍ୟବହୃତ ଇ-ଗ୍ରନ୍ଥାଗାର ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।



## ମୁଖ୍ୟ ଆକର୍ଷଣ ସାଜିବ ତାଇୱାନ ବୁଦ୍ଧ ମନ୍ଦିର





### ନାଲ୍‌କୋ ବିଶ୍ୱକର୍ମା ପୂଜା ପାଇଁ ସାଜସଜ୍ଜା

ବଣ୍ଠରପାଳ, ୧୩।୯ (ସୁବାସ ସାହୁ)

ପାଖେଇ ଆସୁଛି ନାଲ୍‌କୋର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା। ୧୭ ତାରିଖରେ ଏଠାରେ ପୂଜା ପାଇବେ ଦେବଶିଳ୍ପୀ। ବେଦଧ୍ୱନି ସହ ଲୋକଙ୍କ ଗହଳିଚହଳିରେ ଉଚ୍ଛୁଳି ଉଠିବ ନାଲ୍‌କୋନଗର। ଚଳିତବର୍ଷ ୧୯ଟି ପୂଜା ମଣ୍ଡପ କରାଯାଉଛି। ସେଥିମଧ୍ୟରୁ କାଷ୍ଟ ହାଉସ-ଏ, ପଟ୍‌ଲାଇନ, କାଷ୍ଟହାଉସ-ବି, ପଟ୍‌ଲାଇନ ବିଦ୍ୟୁତ୍ ବିଭାଗ, ସିପିପି ବିଦ୍ୟୁତ୍ ବିଭାଗ, ରୋଡିଙ୍ଗଶପ୍-୧, ସିପିପି ଅପରେଶନ, ସିପିପି ସିଏଚପି, ଜିଏପି, ମ୍ୟାଟେରିଆଲ ଷ୍ଟୋର, ବେକଓଭେନ କାର୍ବନ ଏରିଆ, ରୋଲିଙ୍ଗ ପ୍ଲାଣ୍ଟ, କାର୍ବନ ଏରିଆ ବିଦ୍ୟୁତ ବିଭାଗ, ରୋଡିଙ୍ଗ ଶପ୍- ୨, କାର୍ବନ ଏରିଆ ମେକାନିକାଲ, ମୋବାଇଲ ଶପ୍, ସିଭିଲ ପମ୍ପ ହାଉସ, ୨୨୦ କେଭି ବିଦ୍ୟୁତ୍ ବିଭାଗ ଓ ଠିକାଦାର ସଂଘ ପକ୍ଷରୁ ପୂଜାକୁ ଧୁମ୍‌ଧାମରେ ପାଳନ କରାଯିବ। ଏଥିପାଇଁ ପୂଜାମଣ୍ଡପ ଓ ତୋରଣ ନିର୍ମାଣ କାମ ଜୋର୍‌ରେ ଆଗେଇ ଚାଲିଛି। ୭ ଦିନ ଧରି ପୂଜା ପାଳନ ପରେ ୨୩ ତାରିଖରେ ଭସାଣି ଉତ୍ସବ ଆୟୋଜନ କରାଯିବାକୁ ସ୍ଥିର ହୋଇଛି। ରାଜ୍ୟ ଓ ରାଜ୍ୟ ବାହାରର କାରିଗରମାନେ ତୋରଣ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଖାସକରି କାଷ୍ଟ ହାଉସ-ଏ ପକ୍ଷରୁ ନିର୍ମାଣ କରାଯାଉଥିବା ତାଇୱାନ ବୁଦ୍ଧ ମନ୍ଦିର ସଦୃଶ ତୋରଣ ଓ ତାଳପତ୍ରର ମୂର୍ତ୍ତି ଏଥର ମୁଖ୍ୟ ଆକର୍ଷଣ ସାଜିବ ବୋଲି କୁହାଯାଉଛି। ବିନା କେମିକାଲ ରଙ୍ଗ ଓ ମାଟିର ମୂର୍ତ୍ତିକୁ ତାଳପତ୍ର ଦ୍ୱାରା ସୁସଜ୍ଜିତ କରାଯାଇ ପରିବେଶ ପ୍ରଦୂଷଣ ରୋକିବାର ଏକ ନିଆରା ବାର୍ତ୍ତା ଦିଆଯିବାକୁ ପ୍ରୟାସ କରାଯାଉଛି ବୋଲି ସଭାପତି ପର୍ଶୁରାମ ହେମ୍ବ୍ରମ, ସମ୍ପାଦକ ଖଗେଶ୍ୱର ଭୂତିଆ, ଅଶୋକ କୁମାର ମୁଦୁଲି ଓ ବିନୋଦ ସାମଲ କହିଛନ୍ତି। ସେହିପରି ସିପିପି ସିଏଚ୍‌ପି ଓ ସିଆର୍‌ଏସ୍ ପକ୍ଷରୁ ନୂଆ ପାର୍ଲାମେଣ୍ଟ ସଦୃଶ ତୋରଣ ସହ ଐତିହ ପ୍ରାଣୀ ହାତୀକୁ କେମିତି ସୁରକ୍ଷା ଦିଆଯାଇପାରିବ ଓ ପରିବେଶ ସୁରକ୍ଷିତ ହୋଇପାରିବ ପାର୍ଶ୍ୱମୂର୍ତ୍ତି ଦ୍ୱାରା ଉକ୍ତ ବାର୍ତ୍ତା ଦିଆଯିବ ବୋଲି ସୂଚନା ମିଳିଛି।

